# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**08 August - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ରିଜର୍ଭ ବ୍ୟାଙ୍କ ନବମ ଥର ପାଇଁ ଅପରିବର୍ତ୍ତିତ ରଖିଲେ ରେପୋ ରେଟ୍
- ଦେଶର ୭୭ ପ୍ରତିଶତ ଗ୍ରାମାଞ୍ଚଳରେ ପାଇପ୍ ପାଣିର ସୁବିଧା ଅଛି; ରାଜ୍ୟସଭାରେ ଉତ୍ତର ରଖିଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ
- ଦେଶର ପ୍ରଥମ ଅନ୍ନପୂର୍ତ୍ତି ଶସ୍ୟ ଏଟିଏମ୍ ଭୁବନେଶ୍ୱରରେ ଆଜିଠାରୁ ହେଲା କାର୍ଯ୍ୟକାରୀ
- ବାଂଲାଦେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ୧୮ଟି ସାମୁଦ୍ରିକ ଥାନା ଅଂଚଳରେ ହାଇଆଲର୍ଟ

ଏବଂ

- ଜୁନ୍ ପହିଲାରୁ ବର୍ତ୍ତମାନସୁଦ୍ଧା ରାଜ୍ୟରେ ସ୍ୱାଭାବିକ୍ ଠାରୁ ୬ ପ୍ରତିଶତ କମ୍ ବର୍ଷା

## ରିଜର୍ଭ ବ୍ୟାଙ୍କ-ରେପୋ ରେଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରିନାହିଁ। ଲଗାତାର ନବମ ଥର ପାଇଁ ରେପୋ ରେଟ୍ ୬ ଦଶମିକ ୫ରେ ଅପରିବର୍ତ୍ତିତ ରହିଛି। ଫଳରେ ଋଣ ସୁଝିବା ଇଏମ୍‌ଆଇରେ କୌଣସି ପରିବର୍ତ୍ତନ ହେବନାହିଁ। ଗତବର୍ଷ ଫେବୃୟାରୀ ମାସରେ ରେପୋ ରେଟ୍ ଶେଷ ଥର ପାଇଁ ଦଶମିକ ୨/୫ ପ୍ରତିଶତ ବୃଦ୍ଧି ପାଇ ୬ ଦଶମିକ ୫ରେ ପହଞ୍ଚିଥିଲା। ମୁଦ୍ରାନୀତି କମିଟି ବୈଠକ ପରେ ଆର.ବି.ଆଇ. ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି ସୂଚନା ଦେଇଛନ୍ତି।

## ଶସ୍ୟ ଏଟିଏମ୍

ଦେଶର ପ୍ରଥମ ଅନ୍ନପୂର୍ତ୍ତି ଶସ୍ୟ ଏଟିଏମ୍ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଆଜିଠାରୁ କାର୍ଯ୍ୟକ୍ଷମ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଏହି ଏଟିଏମ୍‌ରେ ୨୪ ଘଣ୍ଟିଆ ଚାଉଳ ଏବଂ ଗହମ ଉପଲବ୍ଧ ହେବ। ତେବେ ଏଥିପାଇଁ ହିତାଧିକାରୀଙ୍କୁ ମେସିନ୍‌ରେ ବାୟୋମେଟ୍ରିକ୍, ରାସନକାର୍ଡ ଏବଂ ଆଧାରକାର୍ଡ ସମ୍ପର୍କିତ ସୂଚନା ଦେବାକୁ ପଡିବ।  ସମଗ୍ର ରାଜ୍ୟର ହିତାଧିକାରୀ ଏହି ଏଟିଏମ୍‌ରୁ ଶସ୍ୟ ପାଇପାରିବେ ବୋଲି ସେ କହିଛନ୍ତି। ଶସ୍ୟ ଏଟିଏମ୍‌ର ସଫଳ କାର୍ଯ୍ୟକାରିତାକୁ ନେଇ ପର୍ଯ୍ୟାୟକ୍ରମେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଶସ୍ୟ ଏଟିଏମ୍ ଖୋଲାଯିବ।

## ଲୋକସଭା ଜଳ ଜୀବନ ମିଶନ

ଦେଶର ଗ୍ରାମାଞ୍ଚଳରେ ୭୭ ପ୍ରତିଶତ ପରିବାରକୁ ଜଳ ଜୀବନ ମିଶନ ଅଭିଯାନରେ ପାଇପ୍ ଯୋଗେ ପାନୀୟ ଜଳ ଉପଲବ୍ଧ କରାଯାଇଛି । ଲୋକସଭାରେ ଆଜି ଏ ସଂକ୍ରାନ୍ତ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ କହିଛନ୍ତି, ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧିନରେ ଏପର୍ଯ୍ୟନ୍ତ ୧୫କୋଟି ପରିବାରକୁ ପାଇପ୍‌ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଛି। ସେ କହିଛନ୍ତି, ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବା ଫଳରେ ୮ଲକ୍ଷ କୋଟିରୁ ଅଧିକ ଟଙ୍କା ସଞ୍ଚୟ କରାଯାଇ ପାରିଛି ।

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ରାଜ୍ୟ କ୍ୟାବିନେଟ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଭାଗର ୬ଟି ପ୍ରସ୍ତାବ ଅନୁମୋଦିତ ହୋଇଥିବା ଜଣାପଡିଛି। ତେବେ ବିଧାନସଭାର ବଜେଟ୍ ଅଧିବେଶନ ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍ ନିଷ୍ପତ୍ତି ନେଇ ଗୃହକୁ ଅବଗତ କରାଯିବ ବୋଲି ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ସୋମବାର ଦିନ ବନ୍ଦ ରହିବ ।

ଏହି ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଳୁସ୍ଥିତି ଆଲୋଚନା

ରାଜ୍ୟରେ ଆଗାମୀ ୨ ଦିନ ମଧ୍ୟରେ ଆଳୁ ସ୍ଥିତି ସ୍ୱାଭାବିକ ହେବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆଳୁର ଅଭାବ ନେଇ ଆତଙ୍କିତ ନ ହେବାକୁ ସେ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଆଳୁ ଆଣିବା ନେଇ ଆଲୋଚନା ଚାଲିଛି ।  ଏହାର ସକାରାତ୍ମକ ପ୍ରଭାବ ନେଇ ସେ ଆଶା ପ୍ରକାଶ କରିଛନ୍ତି । ଭୁବନେଶ୍ୱର ଆଇଗିଣିଆସ୍ଥିତ କୁବେରପୁରୀ ଆଳୁ ଗୋଦାମକୁ ପଶ୍ଚିମବଙ୍ଗରୁ ୫ ଟ୍ରକ ଆଳୁ ଆସି ପହଞ୍ଚିଛି । ଉତ୍ତରପ୍ରଦେଶରୁ ଆଳୁ ଆସିବାକୁ ଅପେକ୍ଷା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ଖୋଲିବନି ନୂଆ ମଦ ଦୋକାନ

ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବା ନେଇ ସରକାରଙ୍କ କୌଣସି ଯୋଜନା ନାହିଁ ବୋଲି ଅବକାରୀ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ ଚୋରା ମଦ ଚାଲାଣ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମଦ ନୀତିରେ ଆବଶ୍ୟକ ସଂଶୋଧନ ହେବା ନେଇ ସେ ସୂଚନା ଦେଇଛନ୍ତି ।

## ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ସମୀକ୍ଷା

ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା **ଗଞ୍ଜାମ** ଜିଲ୍ଲା ଗସ୍ତରେ ଯାଇ ଛତ୍ରପୁର ପରିବହନ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ର ସମୀକ୍ଷା କରିଛନ୍ତି। ଆବଶ୍ୟକ କର୍ମଚାରୀ ନିଯୁକ୍ତି, ପୁରୁଣା କାର୍ଯ୍ୟାଳୟକୁ ନୂତନ କୋଠାକୁ ସ୍ଥାନାନ୍ତର କରିବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଟ୍ରାଫିକ୍ ନିୟମାବଳୀ ଉପରେ ଜନସଚେତନତା ବୃଦ୍ଧି ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି।

## ହାଇଆଲର୍ଟ

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିବାରୁ ତଟବର୍ତ୍ତୀ ଅଂଚଳଗୁଡ଼ିକରେ କଡା ସୁରକ୍ଷା ଗ୍ରହଣ କରାଯାଇଛି। ଅନୁପ୍ରବେଶକାରୀମାନଙ୍କୁ ରୋକିବା ପାଇଁ ରାଜ୍ୟର ସମୁଦ୍ର ତଟଗୁଡ଼ିକରେ ଥିବା ୧୮ଟି ସାମୁଦ୍ରିକ ଥାନା ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ କହିଛନ୍ତି।

# - V/O –

## ବାତ୍ସଲ୍ୟ ମିଶନ

ଶିଶୁଙ୍କ ଯତ୍ନ, ସୁରକ୍ଷା ଏବଂ ଥଇଥାନ ଲକ୍ଷ୍ୟରେ ସମଗ୍ର ଦେଶରେ ବାତ୍ସଲ୍ୟ ମିଶନ କାର୍ଯ୍ୟକାରୀ କରାଯାଇଛି ବୋଲି କେନ୍ଦ୍ର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି। ରାଜ୍ୟସଭାରେ ପ୍ରଶ୍ନୋତ୍ତର କାଳରେ ସଦସ୍ୟ

ନିରଞ୍ଜନ ବିଶିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଜିଲ୍ଲାସ୍ତରରେ ଏହି ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସହଭାଗିତାରେ ଏହି ମିଶନ କାର୍ଯ୍ୟକାରୀ କରାଯାଉଛି। ମିଶନ ଅଧିନରେ ଜିଲ୍ଲା ଶିଶୁ ସୁରକ୍ଷା ସଂସ୍ଥାକୁ ଅର୍ଥ ସିଧାସଳଖ ଭାବରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ-୨୦୧୫ ଅନୁଯାୟୀ ରାଜ୍ୟ ସରକାର ଜିଲ୍ଲାସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସ୍ଥାପନ କରିଥାନ୍ତି। ଏହି ଆଇନ୍ ଅନୁଯାୟୀ, ଶିଶୁଙ୍କ ସୁରକ୍ଷା ଏବଂ ତାଙ୍କ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ଏହି ୟୁନିଟ୍‌ଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଗତ ମାର୍ଚ୍ଚ ମାସ ସୁଦ୍ଧା ୪ ହଜାର ୪୩୧ ଶିଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଏବଂ ଏହା ବ୍ୟତୀତ ୩ ହଜାର ୬୯୭ ଜଣ ଶିଶୁଙ୍କ ଯତ୍ନ ନିଆଯାଉଛି।

## ସ୍ୱାସ୍ଥ୍ୟ ପରୀକ୍ଷା

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ବ୍ଲକ୍ ଦୁର୍ଗାପଙ୍ଗା ପଞ୍ଚାୟତର ଦୁଇଟି ଗାଁରେ ଗତ ଦେଢ଼ମାସ ମଧ୍ୟରେ ବିଭିନ୍ନ କାରଣରୁ ୧୨ ଜଣଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ଷେତ୍ରୀୟ ସମୀକ୍ଷା ଆରମ୍ଭ କରାଯାଇଛି। ଗୋଲମପାଙ୍ଗା ଓ ପୁଡରୁଙ୍ଗ ଗାଁରେ ବସବାସ କରୁଥିବା କୁଟିଆକନ୍ଧ ଜନଜାତିର ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଦୁଇଟି ମେଡିକାଲ ଟିମ୍ ସେଠାରେ ପହଞ୍ଚି ଏହାର କାରଣ ଅନୁସନ୍ଧାନ କରୁଛନ୍ତି। ୭୦ ଜଣଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ରକ୍ତନମୁନା ପରୀକ୍ଷା କରାଯାଇଛି। ଏମାନଙ୍କ ମଧ୍ୟରୁ ୧୭ ଜଣ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ପ୍ରାଥମିକ ଆକଳନ ଅନୁଯାୟୀ, ସେମାନଙ୍କର ଜ୍ୱରରେ ମୃତ୍ୟୁ

ହୋଇଥିବା ଜଣାପଡିଛି । ସେଥିମଧ୍ୟରୁ ଦୁଇରୁ ଅଢ଼େଇ ମାସର ୩ ଜଣ ଶିଶୁ ଅନ୍ତର୍ଭୁକ୍ତ । କ୍ଷତ୍ରୀୟ ସମୀକ୍ଷା ରିପୋର୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ସାକ୍ଷରତା ଶିବିର

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରଠାରେ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୂକ୍ତୀକରଣ ଶିବିର ଗତକାଲି ଅନୁଷ୍ଠିତ ହୋଇଛି । ସଞ୍ଚୟ ଏବଂ ଆର୍ଥିକ ସେବା  ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ,  କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଆଲୋଚନା କରଯାଇଥିଲା । ଏଥିରେ ଜିଲ୍ଲାସ୍ତରୀୟ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥାର ଅଧିକାରୀ, ପୋଷ୍ଟାଲ୍ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

# ପଶ୍ଚିମବଙ୍ଗ-ଫର୍ମର ସିଏମ୍ ଡେଥ୍

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ କୋଲକାତାସ୍ଥିତ ତାଙ୍କ ବାସଭବନରେ ଆଜି ପରଲୋକ ଘଟିଛି । ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ଶ୍ୱାସକ୍ରିୟାଜନିତ ରୋଗ କାରଣରୁ ସେ ଚିକିତ୍ସାଧିନ ଥିଲେ ।

ସି.ପି.ଏମ୍ ର ଜଣେ ପ୍ରମୁଖ ସଦସ୍ୟ ଭାବେ ଶ୍ରୀ ଭଟ୍ଟାଚାର୍ଯ୍ୟ ୨୦୦୦ରୁ ୨୦୧୧ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ନିଜ ରାଜନୈତିକ ଜୀବନ ଆରମ୍ଭରେ ଶ୍ରୀ ଭଟ୍ଟାଚାର୍ଯ୍ୟ ଜଣେ ସ୍କୁଲ ଶିକ୍ଷକ ଥିଲେ ଏବଂ ପରେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ବିଧାୟକରୁ ଉପମୁଖ୍ୟମନ୍ତ୍ରୀ ଓ ପରେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ନିଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ସମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଶ୍ରୀ ଭଟ୍ଟାଚାର୍ଯ୍ୟ ଜଣେ ଆଗଧାଡିର ରାଜନୈତିକ ନେତା ଥିଲେ, ଯିଏ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିଧନ ଯୋଗୁଁ ପଶ୍ଚିମବଙ୍ଗ ସରକାର ତାଙ୍କ ସମ୍ମାନାର୍ଥେ ଆଜି ଛୁଟି ଘୋଷଣା କରିଛନ୍ତି ।

## ପ୍ରାଧିକରଣ ସଚେତନତା

**ନୟାଗଡ଼** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଯଜଙ୍ଗୀସାହିଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ସଚିବ ବିଚାରପତି ଅଞ୍ଜଳି ମଛଖଣ୍ଡ ଏଥିରେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ସଂକ୍ରାନ୍ତ ଅଭିଯୋଗଗୁଡ଼ିକର ମଧ୍ୟ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ପାଣିପାଗ

ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେଗୁଡ଼ିକ ହେଲା- ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡା ଏବଂ ବଲାଙ୍ଗିର ।

ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୧୩୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଜୁନ୍ ମାସ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୬୧୪ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ଏହା ସ୍ୱାଭାବିକ୍ ବର୍ଷା ତୁଳନାରେ ୬ ପ୍ରତିଶତ କମ୍ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*********************************